

ବିଭିନ୍ନ ଦାବି ନେଇ ମହିଳା ଚାଷୀମାନେ କୃଷି ଭବନ ଆଗରେ ଧାରଣା ଦେଉଛନ୍ତି


KYS
Stop the political impunity to 'GAU-RAKSHAK' terrorists!
STOP Communal Violence!
STOP Communal Violence!
Stop the political impunity to 'GAU-RAKSHAK' terrorists!
#UnitedAgainstHate
BASO
PROTEST
NOVEMBER 15
3.00 pm
Bikaner House, Pandara Road
India Gate
KYS UNITE AGAINST THE COMMUNAL AGENDA OF RSS-BJP!
AGAINST RULE OF

ନୂଆଦିଲ୍ଲୀରେ ବିଭିନ୍ନ ଦାବିରେ ଛାତ୍ରଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି

ନୂତନ ଜିଲ୍ଲା ଜଜ୍‌ଙ୍କୁ 'ଭଦ୍ରକ ଓକିଲ ସଂଘ' ପକ୍ଷରୁ ସ୍ୱାଗତ

ଭଦ୍ରକ, (ପିଏନ୍) : ଭଦ୍ରକ ଜିଲ୍ଲା ଜଜ୍ ତଥା ଦୌରାଜଜ୍ ଭାବେ ଯୋଗ ଦେଇଥିବା ଜିଲ୍ଲା ଜଜ୍ ଶୋଭନ କୁମାର ଦାସଙ୍କୁ ଭଦ୍ରକ ଓକିଲ ସଂଘ ପକ୍ଷରୁ ସ୍ୱାଗତ କରାଯିବା ସହିତ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଭଦ୍ରକ ବାର୍ ଆସୋସିଏସନ ସଭାଗୃହରେ ଅନୁଷ୍ଠିତ ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ବାର୍ ଆସୋସିଏସନର ସଭାପତି ବିଷ୍ଣୁ ମୋହନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜଜ୍ ଅନୁପ କୁମାର ଚନ୍ଦନ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମହଲତ ସା, ବରିଷ୍ଠ ଦେୱାନୀ ବିଚାରପତି ହିମାଂଶୁ ଶେଖର ସିଂ, ଏସ୍‌ଡିଜେଏମ ଜୟନ୍ତ କୁମାର ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଲୋପାମୁଦ୍ରା ପ୍ରକାଶ ଯୋଗ ଦେଇଥିଲେ । ବରିଷ୍ଠ ଆଇନଜୀବୀ ନିରାକାର ଜେନା, ପର୍ଶୁରାମ ଦ୍ୱିବେଦୀ, ପି.ପି. ବଟକୃଷ୍ଣ ଦାଶ, ଦିବ୍ୟସିଂହ ନାୟକ, ଶଶୀଭୂଷଣ ପଣ୍ଡା, ବାର୍ ଆସୋସିଏସନର ସମ୍ପାଦକ ବିଜନ ଜେନା, ଉପସଭାପତି ଅମର କୁମାର ବାରିକ ପ୍ରମୁଖ ଉଦ୍‌ବୋଧନ ଦେଇ ଭଦ୍ରକ ଜିଲ୍ଲା କୋର୍ଟକୁ ତଥା ଭଦ୍ରକ ଜିଲ୍ଲାକୁ ମାନ୍ୟବର ଜିଲ୍ଲା ଜଜ୍‌ଙ୍କୁ ସ୍ୱାଗତ କରିବା ଅବସରରେ ଆଇନଜୀବୀ ଏବଂ ବିଚାରପତିଙ୍କ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ବକ୍ତବ୍ୟ ରଖିଥିଲେ । ଏକ ସପ୍ତାହ ପୂର୍ବରୁ ନୂତନ ଭାବେ କୋର୍ଟ କାର୍ଯ୍ୟରେ ଯୋଗ ଦେଇଥିବା ଆଇନସେବା ପ୍ରାଧିକରଣର ସମ୍ପାଦକ ଅପର୍ଣ୍ଣା ମହାପାତ୍ର, ରେଜିଷ୍ଟ୍ରାର ଜନକ ରାଉତ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଲୋପାମୁଦ୍ରା ମଲ୍ଲ, କନିଷ୍ଠ ଦେୱାନୀ ବିଚାରପତି ଶୁଭଗୌତମ ମିଶ୍ର ପ୍ରମୁଖଙ୍କୁ ଆସୋସିଏସନ ପକ୍ଷରୁ ସ୍ୱାଗତ କରାଯାଇଥିଲା । ଆସୋସିଏସନର କୋଷାଧ୍ୟକ୍ଷ ଗୋପବନ୍ଧୁ ଦିକ୍ଷିତ, ଅଶୋକ ନାୟକ, ଗଣେଶ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଆବୁ ସୁଫିଆନ, ଦୁର୍ଗା ପ୍ରସନ୍ନ ରାୟମହାପାତ୍ର, ଅରୁଣ ଚାନ୍ଦ, ଜିତେନ୍ଦ୍ର କୁମାର ଦାସ, ଉପେନ୍ଦ୍ର ପାଢ଼ୀ, ତଥାସ୍ତୁ ସୁନ୍ଦର ପଣ୍ଡା, ଗରିଧାରୀ ନାଥଙ୍କ ସମେତ ଅନ୍ୟାନ୍ୟ ଶତାଧିକ ଆଇନଜୀବୀ ଯୋଗ ଦେଇ ମାନ୍ୟବର ଜଜ୍‌ମାନଙ୍କୁ ଉଚ୍ଛ୍ୱସିତ ଭାବେ ସ୍ୱାଗତ କରିଥିଲେ ।

ଜୋନାଲସ୍ତରୀୟ ଭଲିବଲ ଖେଳିବାକୁ ଗଲେ ୮ ଯୁବକ

ମାଲକାନଗିରି, (ପିଏନ୍) : ନଭେମ୍ବର ୧୬ ଓ ୧୭ ତାରିଖ ଦୁଇଦିନ ଧରି ଝାରସୁଗୁଡ଼ା ଜିଲ୍ଲା ବିଲେପାହରଠାରେ ୨୦୧୭-୧୮ ମସିହା ପାଇଁ ଅନୁଷ୍ଠିତ ହେବାକୁ ଥିବା ଜୋନାଲ ସ୍ତରୀୟ ଭଲିବଲ କାଉନସିଲ ପାଇଁ ଆଜି ମାଲକାନଗିରି କ୍ରୀଡ଼ା ଛାତ୍ରାବାସର ୮ ଜଣ ଆଦିବାସୀ ଯୁବକ ଯାଇଥିବା ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ଞାନେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି ।

ଛାୟା ବିଧାନସଭାରେ ବିରୋଧି ଓ ଶାସକ ଦଳ ମୁହାଁମୁହିଁ

ଭୁବନେଶ୍ୱର, (ପିଏନ୍) : ସୁରଭିର ଦ୍ୱିତୀୟ ଦିବସ ଅପରାହ୍ନରେ ପିଲାଙ୍କ ଦ୍ୱାରା ପ୍ରଦର୍ଶିତ ଛାୟା ବିଧାନସଭା ବେଶ ଉପଭୋଗ୍ୟ ଓ ଆକର୍ଷଣୀୟ ଥିଲା । ସମଗ୍ର ମେଳା ପରିସର କିଛି ସମୟ ପାଇଁ ଓଡ଼ିଶା ବିଧାନସଭାର ଭ୍ରମ ସୃଷ୍ଟି କରିଥିଲା । ଆମ ଗଣତନ୍ତ୍ର ଯେ କେତେ ସୁଦୃଢ଼ ତାହା ପୁଣି ଥରେ ପ୍ରମାଣିତ ହୋଇଥିଲା ପିଲାଙ୍କ ଛାୟା ବିଧାନସଭାରେ । ଠିକ ବିଧାନସଭାର ଅଧିବେଶନ ଯେପରି ଆରମ୍ଭ ହୋଇଥାଏ, ସେହିଭଳି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା । ରାଜ୍ୟପାଳ, ବିଧାନସଭାରେ ପ୍ରବେଶ କରିବାକ୍ଷଣି ଜନଗଣ ମନ ଜାତୀୟ ସଂଗୀତ ଗାନ କରାଯାଇଥିଲା । ରାଜ୍ୟପାଳ ଭୂମିକା ତୁଲାଉଥିବା ଅନ୍ୱେଷ ମହାପାତ୍ର ଉଦବୋଧନ ଦେଇ ଓଡ଼ିଶାକୁ ଏକ ଶକ୍ତିଶାଳୀ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ । ରାଜ୍ୟପାଳଙ୍କ ଅଭିଭାଷଣ ସରିବା ପରେ ଆରମ୍ଭ ହୋଇଥିଲା ଗୃହକାର୍ଯ୍ୟ । ବାଚସ୍ପତି ଭୂମିକାରେ ସିଆ ମିଶ୍ର ନିଜ ଆସନରେ ବସି ରହିଥିଲେ । ଆରମ୍ଭ ହୋଇଥିଲା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ । ମୁଖ୍ୟମନ୍ତ୍ରୀ ଭୂମିକାରେ ଅବିନାଶ ମିଶ୍ର ସରକାରଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ଅଭିଭାଷଣ ଦେବାପରେ ବିରୋଧି ନେତ୍ରୀ ଦେବଦତା ଦାଶ ଓ ୧୩ ଜଣ ବିରୋଧି ସଭ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅନୁରୂପ ଭାବେ ସରକାରୀ ଦଳର ୧୭ଜଣ ସଭ୍ୟ/ସଭ୍ୟା ବିତର୍କରେ ଭାଗନେଇଥିଲେ । ତେବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ମନୀଷା ଦାଶ, ସରକାରୀ ମୁଖ୍ୟ ସଚେତକ ସୁଶ୍ରୀ ଶିବାନୀ ପତି, ମୁଖ୍ୟ ଉପ-ମୁଖ୍ୟ ସଚେତକ ଦିନେଶ କୁମାର ସାହୁ, ପଂଚାୟତ ଓ ପାନୀୟଜଳ ମନ୍ତ୍ରୀ ସାଇସ୍ମିତା ପାଣି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ନାଥ, ଯୋଜନା ଓ ସଂଯୋଜନ ମନ୍ତ୍ରୀ ଅଙ୍କିତା ମିଶ୍ର, ଅର୍ଥ ମନ୍ତ୍ରୀ ଶକ୍ତି ପ୍ରସାଦ ତ୍ରିପାଠୀ, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ବ୍ୟାସଦେବ ବରାଳ, କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ପ୍ରିୟବ୍ରତ ମିଶ୍ର, ବିଧାନସଭା ସଚିବ ପ୍ରିୟଦର୍ଶିନୀ ଜେନା, ସଚିବ (ରାଜ୍ୟପାଳ) (ଆଇ.ଏ.ଏସ) ଇତିଶ୍ରୀ ଖରା, ଏ.ଡି.ସି(ଆଇ.ପି.ଏସ) କୁନ୍ତଳା ମିଶ୍ର, ମାର୍ଶାଲ ଅନୁପମ ପାଣିଗ୍ରାହୀ, ରିପୋର୍ଟର ଯାଜ୍ଞସେନୀ ରାଉତରାୟ, ନୂତନ ସଦସ୍ୟ ରୀନା ସାହୁ ପ୍ରମୁଖ ବିରୋଧିଙ୍କୁ ଉତର ମାଧ୍ୟମରେ କଡ଼ା ମୁକାବିଲା କରିଥିଲେ । ଏହି ଅବସରରେ ୨୦୧୭-୧୮ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରାଯାଇ ଗୃହୀତ ହୋଇଥିଲା । ଏହା ସହିତ ଓଡ଼ିଶା ପରୀକ୍ଷା ପରିଚାଳନା ରାଜ୍ୟରେ ସାକ୍ଷରତା ହାର, ନୂତନ ମଡ଼େଲ ସ୍କୁଲ ସ୍ଥାପନ, ମୁଜାଫର ନଗର ତୀର୍ଥଯାତ୍ରୀ ରେଳ ଦୁର୍ଘଟଣା ଆଦି ସମ୍ପର୍କରେ ଗରମା ଗରମ ଆଲୋଚନା ହୋଇଥିଲା । ଏଥିରେ ବିରୋଧି ସଭ୍ୟଙ୍କ ଉତର ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ରାଜଙ୍କରେ ଶିକ୍ଷା ବ୍ୟବସ୍ଥାର ସଫଳ ପରିଚାଳନା ସଂକ୍ରାନ୍ତ ଉତରରେ ନିଜର ଭୂମିକାକୁ ସୁନ୍ଦର ଭାବେ ପ୍ରତିପାଦନ କରିଥିଲେ । ଏହି ଅବସରରେ କେତେ ଗୁରୁତ୍ୱପୂର୍ଣ୍ଣ ବିଲ ପାସ କରିବା ସହିତ ବିଶେଷ କରି ମହାନଦୀ ଜଳ ବଂଟନ ସଂକ୍ରାନ୍ତରେ ଓଡ଼ିଶାର ସ୍ୱାର୍ଥକୁ ନେଇ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା । ପୂର୍ବରୁ ରାଜ୍ୟପାଳଙ୍କ ଭାଷଣ ପରେ ଶୋକ ପ୍ରସ୍ତାବ ଗୃହୀତ ହୋଇଥିଲ ଓ ନୂତନ ସଭ୍ୟ ଶପଥ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ସମୁଦାୟ ରାଜ୍ୟର ୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

ବଲାଣିରେ ୫୫ତମ ଖଣି ସୁରକ୍ଷା ସପ୍ତାହ ଅନୁଷ୍ଠିତ

ବଡବିଲ, (ପିଏନ୍) : ଲାଣି ଖଣିରେ ୫୫ତମ ଖଣି ସୁରକ୍ଷା ସପ୍ତାହ ଅନୁଷ୍ଠିତ ହୋଇ ଯାଇଛି । ସପ୍ତାହର ପ୍ରଥମ ଦିନରେ ବଲାଣି ଖଣିର ଆକ୍ଟିଙ୍ଗ ଜେନେରାଲ ମ୍ୟାନେଜର ଅରୁଣ କୁମାର ମିଶ୍ରାଙ୍କ ନେତୃତ୍ୱରେ ବଲାଣି ଖଣିର ଏମଭିଟିସି ଠାରେ ସୁରକ୍ଷା ସପ୍ତାହ ପତାକା ଉତୋଳନ କରାଯିବା ସଙ୍ଗେ ଖଣି ସୁରକ୍ଷାର ସପଥ ଗ୍ରହଣ କରାଯାଇଥିଲା । ଉକ୍ତ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ବଲାଣି ଖଣିର ଶତାଧିକ କର୍ମଚାରୀ,ଅଧିକାରୀ ତଥା ଠିକା ଶ୍ରମିକ ଉପସ୍ଥିତ ଥିଲେ । ଖଣି ସୁରକ୍ଷା ସପ୍ତାହ ପରିପ୍ରେକ୍ଷୀରେ ବଲାଣି ଖଣିର ଦୁର୍ଗାପୂଜା ମଣ୍ଡପ ଠାରେ ଆୟୋଜିତ ନିରିକ୍ଷଣ ଏବଂ ପ୍ରଚାର କାର୍ଯ୍ୟକ୍ରମରେ ଚାଇଁବସା ଖଣି କ୍ଷେତ୍ରର ସୁରକ୍ଷା କମିଟିର ଆବାହକ ତଥା ମେଘାହାତୁବୁରୁ ଖଣିର ଜେନେରାଲ ମ୍ୟାନେଜର ଏସ.ଡି ପାହାଡି, କିରିବୁରୁ ଲୌହ ଖଣିର ଜେନେରାଲ ମ୍ୟାନେଜର କେ.ଇଭା ରାଜୁ, ଯୋଡା ଖଣିର ମୁଖ୍ୟ ଦେବାଶିଷ ଜେନା, ନୋଆମୁଣ୍ଡି ଖଣିର ମୁଖ୍ୟ ରାମପ୍ରକାଶ ମାଲି, ଗୁଆ ଖଣିର ଜେନେରାଲ ମେନେଜର ମାନସ ବିଶ୍ୱାସ, ବରସୁଆଁ ଖଣିର ଉପମହାପ୍ରବନ୍ଧକ ବି.କେ ସୋରେନ ଆତିଥି ଭାବେ ଯୋଗ ଦେଇଥିଲେ । ସୁରକ୍ଷା ନିର୍ଦ୍ଦେଶକ ତଥା ଖଣି ସୁରକ୍ଷା ନିରିକ୍ଷଣ ଦଳର ଅଧ୍ୟକ୍ଷ ଶ୍ରୀ ସୁଶୀଲ କୁମାର ମୁଖ୍ୟ ଅତିଥି ରୁପେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବଲାଣି ଖଣିର ବିଭିନ୍ନ ବିଭାଗ ପକ୍ଷରୁ ୩୫ରୁ ଊର୍ଦ୍ଧ୍ୱ ଷ୍ଟଲ ତିଆରି କରି ଖଣି ସୁରକ୍ଷା ସମ୍ବନ୍ଧରେ ମୋଡେଲ ତିଆରି କରାଯାଇ ନିରିକ୍ଷଣ ଦଳ ତଥା ଉପସ୍ଥିତ ଜନସାଧାରଣଙ୍କୁ ଦେଖାଇଥିଲେ । ଏହାବ୍ୟତୀତ ବଲାଣି ମହିଳା ସମିତି,ଡିଏଭି ପବ୍ଲିକ ସ୍କୁଲ,ସରସ୍ୱତି ଶିଶୁ ବିଦ୍ୟାମନ୍ଦିର, ଡି.ଏ.ଭି ବଲାଣି ସ୍କୁଲ ପକ୍ଷରୁ ବିଭିନ୍ନ ଷ୍ଟଲରେ ବିଭିନ୍ନ ପ୍ରକାର ସୁରକ୍ଷା ସନ୍ଦେଶ କୁ ନେଇ ଆୟୋଜିତ ପଥପ୍ରାନ୍ତ ନାଟକ,ମୋଡେ ପ୍ରଦର୍ଶନ କରାଯାଇଥିଲା ଯେଉଁଥିରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସୁରକ୍ଷା ସନ୍ଦେଶ ଦର୍ଶକ ଏବଂ ନିରିକ୍ଷଣ ଦଳକୁ ପ୍ରଭାବିତ କରିଥିଲା । ପରେ ମୁଖ୍ୟ ଅତିଥି ବୃନ୍ଦ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସୁରକ୍ଷା ଦୀପ ପ୍ରଜ୍ୱଳନ କରିବା ସଙ୍ଗେ ଉପସ୍ଥିତ ଦର୍ଶକଙ୍କୁ ପ୍ରତିକ କ୍ଷେତ୍ରରେ ସୁରକ୍ଷିତ ରହି କାର୍ଯ୍ୟ କରିବାକୁ ଉପଦେଶ ଦେଇଥିଲେ । ଏହା ପରେ ସ୍ଥାନୀୟ ବିଦ୍ୟାଳୟର କୁନିକୁନି ପିଲା ମାନଙ୍କ ଦ୍ୱାରା ସୁରକ୍ଷା ଭିତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ଭୁବନେଶ୍ୱରରୁ ଆସିଥିବା ମେଲୋଡି ପାର୍ଟି ଦ୍ୱାରା ମେଲୋଡି ପରିବେଷଣ କରାଯାଇଥିଲା । ପରିଶେଷରେ ବଲାଣି ଖଣିର ମହାପ୍ରବନ୍ଧକ ଅରୁଣ କୁମାର ମିଶ୍ରା ଉପସ୍ଥିତ ଜନସାଧାରଣ ତଥା ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବଲାଣି ଖଣିର ଶତାଧିକ ଅଧିକାରୀ,କର୍ମଚାରୀ ତଥା ଠିକାଶ୍ରମିକ ପରିଚାଳନାରେ ସାହାଯ୍ୟ କରିଥିଲେ । କାର୍ଯ୍ୟକ୍ରମକୁ ବଲାଣି ଅଂଚଳର ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ ।

ଆହାର କେନ୍ଦ୍ରରୁ ଉପାସରେ ଫେରୁଛନ୍ତି ଗରିବ

କେନ୍ଦ୍ରାପଡା ,(ପିଏନ୍) :- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଥିବା ଏକ ମାତ୍ର ଆହାର କେନ୍ଦ୍ରରେ ବ୍ୟାପକ ଅନିୟମିତତା ଦେଖାଯାଇଛି । ଏହି କେନ୍ଦ୍ରରେ ସୁସ୍ଥ ମାନଙ୍କ ପାଇଁ ଆହାର ମିଳୁଥିବା ବେଳେ ଦୁସ୍ଥ ଅସହାୟ ମାନେ ନିରାଶ ହୋଇଫେରୁଥିବା ଲକ୍ଷ୍ୟ କରାଯାଇଛି । କାଉଣ୍ଟର ଖୋଲାଯିବା ଘଣ୍ଟାକ ଭିତରେ ସମସ୍ତ ୫ଶହ ଟୋକନ ସରିଯାଉଛି । ଏଣୁ ଖାଇବା ସମୟ ଯଥେଷ୍ଟ ପୂର୍ବରୁ ଦିନ ୧୨ଟାରେ ଖାଇବାକୁ ଆସୁଥିବା ଶହ ଶହ ଲୋକେ ନିରାଶରେ ଫେରୁଥିବା ଦେଖାଯାଉଛି । ମେଡିକାଲକୁ ଆସୁଥିବା ରୋଗୀଙ୍କ ସଂପର୍କୀୟ , ଗରିବ ଅସହାୟ, ଉପେକ୍ଷିତ ଲୋକେ କେବଳ ୫ ଟଙ୍କିଆ ଆହାରକୁ ଅପେକ୍ଷା କରି ରହିବା ସହ ଆହାରନମିଳୁଥିବାରୁ ମନଦୁଃଖରେ ଉପାସରେ ଫେରୁଥିବା ସାଧାରଣରେ ନୈରାଶ୍ୟ ସୃଷ୍ଟିକରିଛି । । ଅନ୍ୟ ପକ୍ଷରେ ମେଡିକାଲ କର୍ମଚାରୀ, ସ୍ଥାନୀୟ ବ୍ୟବସାୟୀ ତଥା ଅନ୍ୟ ସ୍ଥାନୀୟ ସ୍ୱଚ୍ଛଳ ଲୋକେ ଆହାର କେନ୍ଦ୍ରରୁ ଖାଦ୍ୟ ଖାଉଥିବା ଦେଖିବାକୁ ମିଳୁଛି । ଗ୍ରାମାଞ୍ଚଳରୁ ମେଡିକାଲକୁ ଆସୁଥିବା ମହିଳା , ଶିଶୁ , ବୃଦ୍ଧ, ବୃଦ୍ଧା ଏବଂ ରୋଗୀ ମାନେ ଭିଡରେ ପଶି ପାରୁନାହାଁନ୍ତି । ଏହି ଦୁର୍ବଳ ଶ୍ରେଣୀର ବ୍ୟକ୍ତି ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଧାଡି କରିବାକୁ ଦାବି ହେଉଛି । ଅନ୍ୟ ପକ୍ଷରେ କାଉଣ୍ଟରର ଖୋଲାଯିବାର ଘଣ୍ଟାକ ମଧ୍ୟରେ ୫ଶହ ଟୋକନ ସରିଯାଉଥିବା ବିଷୟ ସନ୍ଦେହ ସୃଷ୍ଟି କରୁଛି । କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବା ପାଇଁ ଜିଲ୍ଲା ଯୁବସେବା ମଞ୍ଚ ତରଫରୁ ଦାବି କରାଯାଇଛି ।

ଭଦ୍ରକରେ ଚତୁର୍ଥ ଜିଲ୍ଲାପରିଷଦ ବୈଠକ ଅନୁଷ୍ଠିତ

ଭଦ୍ରକ, (ପିଏନ୍) : ଭଦ୍ରକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଚତୁର୍ଥ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦର ଅଧ୍ୟକ୍ଷ ଦ୍ୱିଜବର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭଦ୍ରକର ସାଂସଦ ଅର୍ଜୁନ ଚରଣ ସେଠୀ ,ଭଦ୍ରକର ବିଧାୟକ ଯୁଗଳକିଶୋର ପଟ୍ଟନାୟକ,ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ବିମଳ ରାୟ, ଜିଲ୍ଲାପାଳ ଜ୍ଞାନ ରଞ୍ଜନ ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲିପ୍ କୁମାର ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଜ୍ୟୋସ୍ନାରାଣୀ ମହାନ୍ତି ସମେତ ସମସ୍ତ ଜିଲ୍ଲା ପରିଷଦର ସଭ୍ୟସଭ୍ୟା ଓ ବିଭିନ୍ନ ପଂଚାୟତ ସମିତିର ଅଧ୍ୟକ୍ଷ/ ଅଧ୍ୟକ୍ଷାମାନେ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆଜିର ଚତୁର୍ଥ ଜିଲ୍ଲା ପରିଷଦ ବୈଠକରେ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା, କୃଷି ଓ ଜଳସେଚନ , ସ୍ୱାସ୍ଥ୍ୟ, ସାଧାରଣ ବଣ୍ଟନ ଓ ଖାଦ୍ୟ ସୁରକ୍ଷା , ଶିକ୍ଷା ବ୍ୟବସ୍ଥା, ଜୀବିକା ମିଶନ ଓ ପରିସଂଖ୍ୟାନ ଯୋଜନା, ମତ୍ସ୍ୟ ବିଭାଗ ସମେତ ଅନ୍ୟାନ୍ୟ ବିଷୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ପାନୀୟ ଜଳ ବ୍ୟବସ୍ଥା ସମ୍ପର୍କରେ ୨୦୧୭-୧୮ ଅକ୍ଟୋବର ସୁଧା ଜିଲ୍ଲାର ବିଭିନ୍ନ ଗ୍ରାମ ପଞ୍ଚାୟତ, ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ୩୧୫ଟି ଟିଉବ୍ୱେଲ୍ ନିର୍ମାଣ ହୋଇଛି ।ସେହିପରି ବାସୁଦେବପୁର ଓ ଚାନ୍ଦବାଲି ବ୍ଲକରେ ମେଗା ପାନୀୟଜଳ ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ପରିମଳ ବ୍ୟବସ୍ଥା ସମ୍ପର୍କରେ ପାଇଖାନା ନିର୍ମାଣ କାର୍ଯ୍ୟ ସବୁ ବ୍ଲକରେ ଚାଲୁ ରହିଛି । ସେହିପରି କୃଷି ବିଭାଗର ଆଲୋଚନା କରାଯାଇ ବର୍ତମାନ ଦେଖାଦେଇଥିବା ଜମିରେ ରୋଗପୋକ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଭଦ୍ରକ ଜିଲ୍ଲାରେ ୨୪ ହଜାର ହେକ୍ଟର ଜମିରେ ରୋଗପୋକ ଲାଗିଥିବାର ଉପକୃଷି ନିର୍ଦ୍ଦେଶକ ସୂଚନା ଦେଇଥିଲେ । କୃଷି ବିଭାଗ ପକ୍ଷରୁ ସ୍ଥାନୀୟ ଆରଆଇ ଓ ବ୍ଲକ କୃଷିଅଧିକାରୀଙ୍କୁ ନେଇ ଏକ ସର୍ଭେ ଟିମ୍ ଜମିରେ ପୋକ ଲାଗିଥିବାର କ୍ଷୟକ୍ଷତିର ଅନୁସନ୍ଧାନ କରାଯାଇ ସରକାରଙ୍କୁ ତୁରନ୍ତ ରିପୋର୍ଟ ପଠାଇବାକୁ ବିଭାଗୀୟ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ରୋଗପୋକରେ କ୍ଷୟକ୍ଷତିହୋଇଥିବା ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦିଅଯିବା ସହ ଚାଷୀମାନେ ବିଲରେ ପକାଉଥିବା ଔଷଧ ବା ପେଷ୍ଟିସାଇଡ୍‌କୁ ପରୀକ୍ଷା କରିବା ପାଇଁ ଉପକୃଷି ନିର୍ଦ୍ଦେଶକଙ୍କୁ କୁହାଯାଇଥିଲା । ସାଧାରଣ ବଣ୍ଟନ ସମ୍ପର୍କରେ ଆଲୋଚନା କରାଯାଇ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କର ସର୍ଭେ ଚାଲୁ ରହିଛି । ଅଯୋଗ୍ୟ ହିତାଧିକାରୀଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରୁ ବାଦ୍ ଦିଆଯାଇ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ରେସନ କାର୍ଡ଼ ଯୋଗାଇ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା । ଭଦ୍ରକ ଜିଲ୍ଲାରେ ଧାନ ସଂଗ୍ରହ କ୍ଷେତ୍ରରେ ୯ଟି ମିଲର ସରକାରୀ ଧାନ ନେଇ ଚାଉଳ ପଇଠ କରୁନଥିବାର ଖିଲାପି ମିଲର ମାନଙ୍କୁ ନଭେମ୍ବର ୩୦ ସୁଧା ବାକିଆ ଚାଉଳ ପଇଠ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା । ଖିଲାପି ମିଲରଙ୍କ ସମ୍ପର୍କରେ ଜିଲ୍ଲାପାଳ ବିଭାଗୀୟ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ନଭେମ୍ବର ୩୦ ସୁଧା ଖିଲାପି ମିଲର ବାକିଆ ଅର୍ଥ ପଇଠ ନକଲେ ବିଭାଗୀୟ କର୍ତୃପକ୍ଷ ଯେଉଁ ନିର୍ଦ୍ଦେଶ ଦେବେ ସେହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯିବ ବୋଲି ଜିଲ୍ଲାପାଳ ଜ୍ଞାନ ଦାସ ବୈଠକରେ ସୂଚନା ଦେଇଥିଲେ । ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ମଧ୍ୟାହ୍ନ ଭୋଜନ ରୋଷେଇ ୨୭୬ଟି ଘର ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ବର୍ତମାନ ସୁଧା ୧୯୮ଟି ରୋଷେଇ ଘର ନିର୍ମାଣ ଶେଷ ହୋଇଛି । ଅବଶିଷ୍ଟ ଘର ମାର୍ଚ୍ଚ ୩୧ ସୁଧା ଶେଷ କରିବାକୁ କୁହାଯାଇଥିଲା । ସେହିପରି ଭଦ୍ରକ ଜିଲ୍ଲାରେ ମତ୍ସ୍ୟ ବିଭାଗ ପକ୍ଷରୁ ମତ୍ସ୍ୟଜୀବି ପିଲାମାନଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ୪୨୧ ଜଣ ଉଚ୍ଚ ଶିକ୍ଷା ବୃତି ପ୍ରଦାନ କରାଯାଇଛି । ସେହିପରି ପୋଖରୀ ଖନନ ଓ ମତ୍ସ୍ୟ ଚାଷନିମନ୍ତେ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି । ଶେଷରେ ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲିପ୍ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ବୈଠକରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ ।

ଶିକ୍ଷାର୍ଥୀଙ୍କ ଦ୍ୱାରା ରାଜଧାନୀ ରାଜରାସ୍ତାରେ ଶିକ୍ଷା ସଚେତନତା ସାଇକେଲ ରାଲି

ଭୁବନେଶ୍ୱର, (ପିଏନ୍) : ୨୦୧୭ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ପାଇଁ ସକାଳ ଆଠଟାରୁ ଭୁବନେଶ୍ୱର ଫରେଷ୍ଟ ପାର୍କ ନିକଟ ରାସ୍ତା ଉପରେ ଶହ ଶହ ଛାତ୍ରଛାତ୍ରୀଙ୍କ ଭିଡ଼ ଦେଖାଗଲା । ମଂଚ ଉପରେ ମୁଖ୍ୟ ଅତିଥି ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ବିଭାଗୀୟ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ଛାତ୍ରଛାତ୍ରୀ ଓ ଉପସ୍ଥିତ ସମସ୍ତ ଜନତାଙ୍କୁ ଉଦବୋଧନ ଦେଇ ଆଜିର ଏ ଶିଶୁଦିବସରେ ଶିଶୁମାନଙ୍କ ଦ୍ୱାରା ଆୟୋଜିତ ଶିକ୍ଷା ସଚେତନତା ସାଇକେଲ ରାଲି ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ଘରେଘରେ ପହଂଚାଇବାକୁ ସହାୟକ ହେବ ବୋଲି କହିଥିଲେ । ମନ୍ତ୍ରୀ ଶ୍ରୀ ପାତ୍ର କହିଲେ, ଆମ ପିଲାମାନେ ଶିକ୍ଷା ସଚେତନତା ସାଇକେଲ ରାଲି କରି ଉଦାହରଣ ସୃଷ୍ଟି କରିଛନ୍ତି । ସହରର ସବୁ ବିଦ୍ୟାଳୟରୁ ଆସିଥିବା ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସେମାନଙ୍କ ସାଇକେଲ ସହ ନିର୍ଦ୍ଦେଶ ପାଇବା ମାତ୍ରେ ଆଗକୁ ଯିବା ପାଇଁ ପ୍ରସ୍ତୁତ ଥିଲେ । ମଂଚାସୀନ ଅତିଥିମାନେ ପତାକା ହଲାଇ ଶିକ୍ଷା ସଚେତନତା ସାଇକେଲ ଯାତାର ଶୁଭାରମ୍ଭ କରିଥିଲେ । ପତାକା ହଲିବା ଦେଖି ସବୁ ସାଇକେଲ ରାସ୍ତାରେ ଗଡ଼ିବାକୁ ଆରମ୍ଭ କଲା । ୩ କିଲୋମିଟର ରାସ୍ତା ସାଇକେଲ ଚଳାଇ ପିଲାମାନେ ୟୁନିଟ-୯ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ପହଂଚିଲା ବେଳକୁ ହାଲିଆ ହୋଇଯାଇଥିଲେ ମଧ୍ୟ ସତେଜ ଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ବିଶ୍ୱନାଥ ପ୍ରଧାନ, ଅତିରିକ୍ତ ଶାସନ ସଚିବ ଇନ୍ଦ୍ରମଣି ତ୍ରିପାଠୀ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭୁପ୍ରସାଦ ଷଡ଼ଙ୍ଗୀ, ଓପେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର କୁମାର ମଲ୍ଲିକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଚୂଡ଼ାମଣି ସେଠ, ମଧ୍ୟାହ୍ନ ଭୋଜନ ନୋଡ଼ାଲ ଅଧିକାରୀ ଗଙ୍ଗାଧର ସାହୁ ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ପିଲାମାନେ ଫରେଷ୍ଟ ପାର୍କରୁ ବାହାରି ଶିଶୁଭବନ, ରାଜମହଲ, ମାଷ୍ଟର କ୍ୟାଂଟିନ, ରାମମନ୍ଦିର, ବାୟାବାବା, ରୂପାଲି ଛକ ଦେଇ ୯ ନମ୍ବର ସରକାରୀ ବାଳକ ବିଦ୍ୟାଳୟଠାରେ ପହଂଚିଥିଲେ । ଶୋଭାଯାତ୍ରାବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଜନସାଧାରଣ ଉପସ୍ଥିତ ରହି ସେମାନଙ୍କୁ ଉତ୍ସାହିତ କରିଥିଲେ । ବିଭାଗ ତରଫରୁ ପ୍ରଦତ ସଫେଦ କ୍ୟାପ ଓ ଗଂଜି ପିନ୍ଧି ପିଲାମାନେ ଶୋଭାଯାତ୍ରାରେ ଯିବାବେଳେ ତାହା ବେଶ ଆକର୍ଷଣୀୟ ହୋଇଥିଲା । ସାଇକେଲରେ ବେଲୁନ ଓ ଆମେ ସବୁ ଏକ....ବେଟି ବଚାଓ : ବେଟି ପଢ଼ାଓ, ବାଳିକା ଯଦି ପଢ଼ିବେ ପାଠ, ସ୍ୱଚ୍ଛ ବିଦ୍ୟାଳୟ, ପରିବେଶ ସୁରକ୍ଷା ଆଦି ପ୍ଲାକାର୍ଡ଼ ବାନ୍ଧି ପିଲାମାନେ ଧାଡ଼ିରେ ଗଲାବେଳେ ଶିକ୍ଷା-ରଥଯାତ୍ରାର ଭ୍ରମ ସୃଷ୍ଟି ହୋଇଥିଲା ସତରେ ।

ଚାଷୀକୂଳକୁ ପ୍ରଧାନମନ୍ତ୍ରୀ ପ୍ରତାରିତ କରିଛନ୍ତି : ପ୍ରମୋଦ ସାହୁ

କେନ୍ଦ୍ରାପଡା (ପିଏନ୍) :କେନ୍ଦ୍ରାପଡା ଜିଲ୍ଲା କୃଷକ ବିକାଶ ସମବାୟ ସମିତି ତରଫରୁ ସଂଘର ସଭାପତି ପ୍ରମୋଦ ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ ଚାଷି ମାନଙ୍କ ପ୍ରତି କେନ୍ଦ୍ର ସରକାର ପ୍ରତାରଣା କରିଥିବା ଅଭିଯୋଗ କରିଛନ୍ତି । ବୁଧବାର ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାହୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚାଷୀ ମାନଙ୍କ ସମସ୍ୟା ସମ୍ବଳିତ ଏକ ୭ଦଫା ଦାବିପତ୍ର ଲେଖି ଥିଲେ । ଦୁଇ ମାସ ପରେ ପୁର୍ନବାର ଆଉ ଏକ ପତ୍ର ଲେଖି ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ସମୟ ମାଗିଥିଲେ । ମାତ୍ର କୌଣସି ଉତ୍ତର ମିଳିନଥିଲା । ପରେ ଓଡିଶା ନାବାର୍ଡ ତରଫରୁ ଆଲୋଚନା ପାଇଁ ଏକ ଚିଠି ସଭାପତି ଶ୍ରୀ ସାହୁ ନିକଟକୁ ଆସିଛି । କୃଷକ ସମସ୍ୟା ନେଇ ପ୍ରଦତ ଏହି ଦାବିପତ୍ରରେ ଉତ୍ପାଦିତ ଶସ୍ୟର ସହାୟକ ମୂଲ୍ୟ ବୃଦ୍ଧି, ଫସଲ କ୍ଷୟ କ୍ଷତିର ଉପଯୁକ୍ତ ଭରଣ, ଅକାଳ ମୃତ୍ୟୁ ପାଇଁ କ୍ଷତି ପୂରଣ, ଚାଷିଙ୍କୁ ପେନସନ୍ ପ୍ରଦାନ ଆଦି କ୍ଷେତ୍ରରେ କେନ୍ଦ୍ର ସରକାର ଗୁରୁତର ସହ ବିଚାର କରିବାକୁ ଶ୍ରୀ ସାହୁ ଦାବି କରିଥିଲେ । ଏହି ସବୁ ସମସ୍ୟାର ସମାଧାନ ପାଇଁ ଶ୍ରୀ ସାହୁ ଦାବି କରିଛନ୍ତି ।